**ଶିଶୁର ସୁରକ୍ଷା, ଅଧିକାର ନେଇ ସଚେତନତା**

କୋରାପୁଟ,(ସ୍ୱ.ପ୍ର) ଶିଶୁଙ୍କ ସୁରକ୍ଷା, ନ୍ୟାୟ ନେଇ ସଚେତନତା କରୁଛି ଶିଶୁ ସମ୍ପର୍କ ଯାତ୍ରା। ସୋମବାର ସ୍ଥାନୀୟ ଜିଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଶିଶୁ ସମ୍ପର୍କ ଯାତ୍ରାରେ ଉପସ୍ଥିତ ଅତିଥି ଓ ଅଧିକାରୀମାନେ ଏହି ମତ ରଖିଛନ୍ତି। ଜିଲା ଶିଶୁ ମଙ୍ଗଳ କମିଟି ଓ ଶୋଭା ଅନୁଷ୍ଠାନର ମିଳିତ ସହଯୋଗରେ ଜିଲା ଶିଶୁ ମଙ୍ଗଳ କମିଟି ଅଧକ୍ଷା ଗାୟତ୍ରୀ ଦେବୀଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଏସପି ବରୁଣ ଗୁଣ୍ଟୁପାଲି ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁଙ୍କୁ ନ୍ୟାୟ ଓ ସୁରକ୍ଷା ଦେବାରେ ପୋଲିସର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥିଭାବେ ଅତିରିକ୍ତ ଜିଲା ଆରକ୍ଷୀ ଅଧାକ୍ଷକ ଉତ୍କଳ ରଞ୍ଜନ ଦାସ, ପ୍ରଭାତ କୁମାର ବିଡିକା, ଧର୍ମେନ୍ଦ୍ର ଜେନା, ଶୋଭାର ବିଜୟ ଚନ୍ଦ୍ର ପଟ୍ଟନାୟକ, ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଆଜି ମେଟୁଖିଲିଙ୍ଗିରେ ସରପଞ୍ଚ ଉପନିର୍ବାଚନ

ଗୁଡ଼ାରୀ, ୨୩।୨(ଡି.ଏନ୍.ଏ.)-ଗୁଡାରୀ ବ୍ଲକର ମେଟୁଖିଲିଙ୍ଗି ପଞ୍ଚାୟତରେ ବୁଧବାର ସରପଞ୍ଚ ପଦବୀ ପାଇଁ ଉପନିର୍ବାଚନ କରାଯିବ। ଏଥିପାଇଁ ୧୧ଟି ବୁଥ୍ର ବ୍ୟବସ୍ଥା କରାଯାଇଛି। ମୋଟ ୨୯୫୯ଜଣ ଭୋଟର ନିଜ ମତ ସାବ୍ୟସ୍ତ କରିବେ। ସକାଳ ୭ଟାରୁ ୧୨ଟ ପର୍ଯ୍ୟନ୍ତ ମତଦାନ ଚାଲିବ ବୋଲି ବିଡିଓ ତଥା ନିର୍ବାଚନ ଅଧିକାରୀ ନୃସିଂହ ଚରଣ ସେଠୀ କହିଛନ୍ତି। ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ବୋଲି ଗୁଡାରୀ ଥାନାଧିକାରୀ ସୁଶାନ୍ତ କୁମାର ତାଡଡିଆ କହିଛନ୍ତି।

### ମଦପିଇ ଗାଡି ଚଳାଇବାରୁ ୧୭,୫୦୦ ଜରିମାନା

ରାୟଗଡା ଅଫିସ, ୨୩।୨-ମଦ୍ୟପାନ କରି ଗାଡି ଚଳାଇବାରୁ ଏକ କାର (ଟିଏସ୍-୦୮ ସିଏଚବି-୫୧୧୨)ରୁ ଚାଳକ ୧୭ହଜାର୫ଶହ ଟଙ୍କା ଜରିମାନା କରାଯାଇଛି। ଆରଟିଓ ବିଭାଗର ଟ୍ରାନ୍ସପୋର୍ଟ ଇନ୍ସପେକ୍ଟର ଯୁଧିଷ୍ଠିର ଲେଙ୍କା ଏହି ଜରିମାନା କରିଛନ୍ତି। ଜି.ସାନ୍ତା ମଦପିଇ ଗାଡି ଚଳାଉଥିବାରୁ ଏହି ଜରିମାନା କରାଯାଇଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ତାଙ୍କୁ ରାୟଗଡା ଟାଉନ ଥାନାରେ ଅଟକ ରଖି ପୋଲିସ ପଚରାଉଚରା କରୁଛି।

### ଦେହରେ ନିଆଁ ଲଗାଇ ଦେଲେ ମହିଳା

କାଲିମେଳା, ୨୩।୨(ଡିଏନ.ଏ.)-ମାଲକାନଗିରି ଜିଲା ଏମ୍ଭି-୭୯ ଥାନା ଅନ୍ତର୍ଗତ ଏମଭି-୭୬ ଗ୍ରାମର ଯୁବରାଜ ରାୟଙ୍କ ସ୍ତ୍ରୀ ବିଶାଖା ରାୟ(୪୫) ପାରିବାରିକ କଳହ ଯୋଗୁ ନିଜ ଦେହରେ କିରୋସିନି ଢାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କ ଶରୀରର ୯୦ ଭାଗ ପୋଡି ଯାଇଛି। ପରିବାର ଲୋକେ ତାଙ୍କୁ ସୋମବାର ରାତିରେ କାଲିମେଳା ଏବଂ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଛନ୍ତି। ସେଠାରେ ସେ ଚିକିତ୍ସାଧୀନ ଅଛନ୍ତି।

### ୬ କୁଇଣ୍ଟାଲ ଗଞ୍ଜେଇ ଜବତ

ଲମତାପୁଟ, ୨୩।୨(ଡି.ଏନ.ଏ.)-କୋରାପୁଟ ଜିଲା ଲମତାପୁଟ ପୋଲିସ ସୋମବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ କୋଡ଼ି ଛକଠାରୁ ୬ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏଥିରେ ବ୍ୟବହୃତ ପିକ୍ଅପ୍ ଭ୍ୟାନକୁ ଜବତ କରାଯାଇଛି। ସମ୍ପୃକ୍ତ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ତାଙ୍କ ନାମ କିର୍ସାନି ତ୍ରିନାଥ। ତାଙ୍କ ଘର ମୋଚିମପୁଟ ଥାନା ଅନ୍ତର୍ଗତ ଚିନାସିନ୍ଧିପୁଟ ଗ୍ରାମରେ। ଜବତ ଗଞ୍ଜେଇର ବଜାର ମୂଲ୍ୟ ୧୮ ଲକ୍ଷ ଟଙ୍କା ହେବ ବୋଲି ଫାଣ୍ଡି ଅଧିକାରୀ ଦିଲୀପ ପ୍ରଧାନ କହିଛନ୍ତି।

### ବାଲିଚାଲାଣ ବେଳେ ଛତିଶଗଡ଼ ଟ୍ରାକ୍ଟର ଜବତ

ପଡିଆ, ୨୩।୨(ଡି.ଏନ.ଏ.)-ମାଲକାନଗିରି ଜିଲା ପଡିଆ ବ୍ଲକର କମାରଗୁଡା ନଦୀଘାଟରୁ ବେଆଇନ ଭାବେ ବାଲି ଚାଲାଣ କରୁଥିବା ଛତିଶଗଡର ଏକ ଟ୍ରାକ୍ଟରକୁ ମଙ୍ଗଳବାର ଜବତ କରାଯାଇଛି। ତହସିଲଦାରଙ୍କ ନିର୍ଦ୍ଦେଶରେ ଆରଆଇ ଚିନ୍ମୟ ମହାପାତ୍ର, ଅତିରିକ୍ତ ଆରଆଇ ତ୍ରିନାଥ ପ୍ରଧାନ ଏବଂ ଥାନା ଅଧିକାରୀ ରଞ୍ଜନ ମାଝି ଚଢ଼ାଉ କରି ଏହାକୁ ଜବତ କରିଥିଲେ। ସମ୍ପୃକ୍ତ ଟ୍ରାକ୍ଟରଠାରୁ ୨୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

### ପଣସପଦର ଗାଁ ବୁଲିଲେ ବିଡିଓ

ତେନ୍ତୁଲିଖୁଣ୍ଟି, ୨୩।୨(ଡି.ଏନ୍.ଏ.)-ତେନ୍ତୁଲିଖୁଣ୍ଟି ବିଡିଓ ପଦ୍ମନାଭ ତ୍ରିପାଠୀ ସୋମବାର ଦିଗି ପଞ୍ଚାୟତ ପଣସପଦର ଗାଁ ପରିଦର୍ଶନରେ ଯାଇ ପାଇଖାନା ନିର୍ମାଣ ଦୁର୍ନୀତି ରୋକିବାରେ ପ୍ରଶାସନକୁ ସାହାଯ୍ୟ କରିବାକୁ ଗ୍ରାମବାସୀଙ୍କୁ ଅନୁରୋଧ କରିଛନ୍ତି। ଏଥିସହ ଯେଉଁମାନଙ୍କୁ ପାଇଖାନା ମିଳିନି ଦ୍ୱିତୀୟ ପର୍ଯ୍ୟାୟରେ ସେମାନଙ୍କୁ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ଯଥା ସମ୍ଭବ ନିଜେ ପାଇଖାନା ନିର୍ମାଣ କରନ୍ତୁ। ଠିକାଦାର କିମ୍ବା ଦଲାଲଙ୍କ ଦ୍ୱାରା ପାଇଖାନା ନିର୍ମାଣ କରନ୍ତୁ ନାହିଁ ବୋଲି ସେ କହିଛନ୍ତି। ସମସ୍ତେ ପାଇଖାନା କରିବା ବେଳେ ଦୁଇଟି ଗର୍ତ୍ତ କରିବାକୁ କହିଥିଲେ। ଯେଉଁମାନେ ପୂର୍ବରୁ ପାଇଖାନା ପାଇଛନ୍ତି ସେମାନେ ମଧ ଯଦି ଗୋଟିଏ ହିଁ ଗର୍ତ୍ତ କରିଥାନ୍ତି ଆଉ ଏକ କରିବାକୁ କହିଥିଲେ। ବିଡିଓଙ୍କ ଏହି ଗସ୍ତ ବେଳେ ସରପଞ୍ଚ ନମିତା ନାୟକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ହରେକୃଷ୍ଣ ବିଶୋଇ ଉପସ୍ଥିତ ଥିଲେ।

### ୨ ସ୍ଥାନରୁ ଗଞ୍ଜେଇ ଜବତ

କୋରୁକୋଣ୍ଡା, ୨୩।୨(ଡି.ଏନ. ଏ)-ବାଲିମେଳା ଅବକାରୀ ବିଭାଗ ପକ୍ଷରୁ ଏକ ଟିମ୍ ସୋମବାର ରାତିରେ ଏମ୍ଭି-୧୨୦ ପାଟ୍ରୋଲିଂ କରୁଥିବା ବେଳେ ଏକ ନାଳ ନିକଟରୁ ଗଞ୍ଜେଇ ଥିବା ବସ୍ତା ପାଇଥିଲେ। ଏଥିରେ ୩୭ କେଜି ଗଞ୍ଜେଇ ଥିଲା। ଏକ ଅଟୋ(ଓଡି୩୦ ଏ-୭୩୬୫)ରୁ ୨୫ କିଲୋ ଗଞ୍ଜେଇ ଜବତ କରାଯାଇ ମନୋଜ କୁଲଦୀପଙ୍କୁ ଗିରଫ କରାଯାଇଥିଲା।

# ଡାକଘରୁ ଜମାକାରୀଙ୍କ ୧.୫କୋଟି ଗାଏବ

ମାଲକାନଗିରି/କାଲିମେଳା, ୨୩।୨(ଡି.ଏନ୍.ଏ.)


ଡାକଘର ନିକଟରେ ଜମାକାରୀମାନେ ରୁଣ୍ଡ ହୋଇଛନ୍ତି।

କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ପୋଷ୍ଟ ଅଫିସକୁ ସୁରକ୍ଷିତ ମନେକରି ସେଠାରେ ଲୋକେ ନିଜ କଷ୍ଟ ଉପାର୍ଜିତ ଟଙ୍କା ରଖୁଥିଲେ ମଧ ଏବେ ଆଉ ତାହା ନିରାପଦ ରହୁନି। କୋରାପୁଟ ଜିଲା ବୈପାରିଗୁଡ଼ା ଡାକଘରୁ ପୋଷ୍ଟମାଷ୍ଟର ଜମାକାରୀଙ୍କ ଜମାଖାତାରୁ ଟଙ୍କା ହଡ଼ପ କରିବା ଘଟଣା ପରେ ଏବେ ଅନୁରୂପ ଏକ ଘଟଣା ମାଲକାନଗିରି ଜିଲା କାଲିମେଳା ବ୍ଲକରେ ଦେଖିବାକୁ ମିଳିଛି। ଭେଜାଙ୍ଗିବାଡ଼ା ଗ୍ରାମରେ ଥିବା ଗ୍ରାମ୍ୟ ଡାକଘରୁ ଡାକଘର ଦାୟିତ୍ୱରେ ଥିବା ମନ ପୂଜାରୀ ଏହି ଟଙ୍କା ହଡ଼ପ କରିଥିବା ଜମାକାରୀ ଅଭିଯୋଗ କରିଛନ୍ତି।

ଖବରରୁ ଜଣାପଡ଼ିଛି ଭେଜାଙ୍ଗିବାଡ଼ା ଗ୍ରାମରେ ଥିବା ଗ୍ରାମ୍ୟ ଡାକଘରେ ଭେଜାଙ୍ଗିବାଡ଼ା ଓ ଚିନ୍ତଲବାଡ଼ା ପଞ୍ଚାୟତର ଶତାଧିକ ହିତାଧିକାରୀଙ୍କ ଜମାଖାତା ରହିଛି। ବିଭିନ୍ନ ସମୟରେ ହିତାଧିକାରୀମାନେ ନିଜ ଜମାଖାତାରେ ଟଙ୍କା ଜମାକରି ଆସୁଥିଲେ। ସରକାରଙ୍କ ବିଭିନ୍ନ ଯୋଜନାରେ ମଧ ଅର୍ଥ ସେମାନଙ୍କ ଜମାଖାତାକୁ ଆସି ଜମା ରହୁଥିଲା। ଏବେ ଜମାଖାତାରେ ଟଙ୍କା ନ ଥିବା ଜଣାପଡିବା ପରେ ସେମାନେ ଭାଙ୍ଗିପଡିଛନ୍ତି। ଡାକଘର ଦାୟିତ୍ୱରେ ଥିବା ପୂଜାରୀ ଏଥିରେ ସମ୍ପୃକ୍ତ ଥିବା ଜମାକାରୀମାନେ ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି। ଭେଜାଙ୍ଗିବାଡା ଗ୍ରାମର ମନୋଜ ପ୍ରଧାନଙ୍କ ଝିଅ ଦିବ୍ୟଜ୍ୟୋତିଙ୍କ ନାମରେ ସୁକନ୍ୟା ଯୋଜନାରେ ୬୮ ହଜାର ଟଙ୍କା ଗତ ୪ବର୍ଷ ହେଲା ଜମା ରହିଥିଲା । ତାହା ଯାଞ୍ଚ କରିବାରୁ ସେଥିରେ ୪୬ ହଜାର ଟଙ୍କା ରହିଥିବା ଜଣାପଡିଥିଲା। ଉଷାରାଣୀ ପ୍ରଧାନଙ୍କ ନାମରେ ୨୦୧୫ରୁ ୫ ହଜାର ଟଙ୍କା ଜମା ହୋଇଥିଲା। ଏବେ ତାଙ୍କ ଜମାଖାତାରେ ୨ ହଜାର ଟଙ୍କା ଅଛି। ସେହିପରି ଏମ୍ପିଭି ୭୧ ଗ୍ରାମର ବିଶାଖା ସରଦାର ଓ ସୁଚିତ୍ରା ବାଇନଙ୍କ ଯୁଗ୍ମ ଖାତାରେ ୩୭ହଜାର ୪୦୦ ଟଙ୍କା ଥିଲା। ବର୍ତ୍ତମାନ ଯାଞ୍ଚ କରିବାରୁ ସେଥିରେ ଟଙ୍କାଟିଏ ମଧ ନାହିଁ। ମାହି ମଣ୍ଡଳଙ୍କ ୨୬ ହଜାର, କଣ୍ଟେଶ୍ୱର ପାତ୍ରଙ୍କ ୩୦ ହଜାର, ଅମ୍ବିକା ଚିକୁଡୁଙ୍କର ୧ ଲକ୍ଷ ୭୭ ହଜାର, ରଘୁନାଥ ଚିକୁଡୁଙ୍କ ୪୦ ହଜାର, ରାଜୁ ବାବୁ ଦୁଡାଲଙ୍କର ୫୦ ହଜାର ଟଙ୍କା ଏହିଭଳି ଶତାଧିକ ଜମାକାରୀଙ୍କ ଜମାଖାତାରୁ ପ୍ରାୟ ଦେଢକୋଟିରୁ ଉର୍ଦ୍ଧ୍ୱ ଟଙ୍କା ହଡପ କରାଯାଇଥିବା ଜମାକାରୀମାନେ ଅଭିଯୋଗ କରିଛନ୍ତି। ଡାକଘର ଦାୟିତ୍ୱରେ ଥିବା ମନ ପୂଜାରୀ ଫେରାର ହୋଇଯାଇଛନ୍ତି। ଏ ସମ୍ପର୍କରେ ବୁଧବାର କେତେଜଣ ଜମାକାରୀ ଜୟପୁର ମୁଖ୍ୟ ଡାକଘରକୁ ଯାଇ ଅଭିଯୋଗ କରିବେ ବୋଲି କହିଛନ୍ତି।

## ସିପିଆଇ(ଏମ୍) ପକ୍ଷରୁ କୃଷି ଆଇନକୁ ବିରୋଧ

କାଲିମେଳା, ୨୩।୨(ଡିଏନ୍.ଏ)



ସିପିଆଇ(ଏମ୍) ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

**ଶୋଭାଯାତ୍ରା କରି ଆନ୍ଦୋଳନ କଲେ**

ମାଲକାନଗିରି ଜିଲା କାଲିମେଳା ସଦରରେ ସିପିଆଇ(ଏମ୍)ର ମାଲକାନଗିରି ଜିଲା ଶାଖା ପକ୍ଷରୁ କୃଷି ଆଇନକୁ ବିରୋଧକରି କାଲିମେଳାରେ ଆନ୍ଦୋଳନ ଓ ଶୋଭାଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସମ୍ପାଦକ ଅଳିକିଶୋର ପଟ୍ଟନାୟକ, ଜିଲା ସିପିଆଇ(ଏମ୍) ସମ୍ପାଦକ ବ୍ରଜ ମାଝି ଏହାର ନେତୃତ୍ୱ ନେଇଥିଲେ। ଜିଲା କମିଟିର କୃଷ୍ଣ ପାଣ୍ଡି ,ଜିଲା ମହିଳା ସମ୍ପାଦକ ଲକ୍ଷ୍ମୀ ହନ୍ତାଳ, ସଙ୍ଗଠକ ଡମ୍ବରୁ ହନ୍ତାଳଙ୍କ ସମେତ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ କର୍ମୀ ଶୋଭାଯାତ୍ରାରେ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରିଛନ୍ତି । ଭାରତ ସରକାରଙ୍କ ଜନବିରୋଧୀ ୩ଟି କୃଷି ଆଇନ ବାତିଲ, କାଲିମେଳା ବ୍ଲକ ଅଞ୍ଚଳର ସମସ୍ତ ଆଦିବାସୀ ଓ ଅନ୍ୟ ପାରମ୍ପରିକ ବନବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ଗରିବ ପରିବାରକୁ ବାସଗୃହ ,ପ୍ରତି ଗାଁକୁ ରାସ୍ତା ନିର୍ମାଣ, ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା, ବୃଦ୍ଧାବୃଦ୍ଧ,ବିଧବା ଓ ଭିନ୍ନକ୍ଷମଙ୍କୁ ମାସିକ ୩ହଜାର ଟଙ୍କା ଭତ୍ତା ଦେବା, ଦୈନିକ ମଜୁରି ୬୦୦ ଟଙ୍କା କରିବା ସହ ଅନ୍ୟାନ୍ୟ ଦାବି ଉଲ୍ଲେଖ ରହିଛି।

### ନାଲ୍କୋ ଅଧକ୍ଷଙ୍କ ଦାମନଯୋଡି ଗସ୍ତ

ଦାମନଯୋଡି, ୨୩।୨(ଡି.ଏନ.ଏ.)–ନାଲକୋ ଅଧକ୍ଷ ତଥା ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର ଦାମନଯୋଡି ଗସ୍ତ କରିଛନ୍ତି। ଗତ ୧୯ତାରିଖରୁ ୨୫ ପର୍ଯ୍ୟନ୍ତ ଗସ୍ତ କରିଥିଲେ। ଏହି ସମୟ ମଧରେ ସେ ଉକ୍ତ ଅଞ୍ଚଳ ଗସ୍ତ କରି ସ୍ୱୀକୃତୀପ୍ରାପ୍ତ ଶ୍ରମିକ ସଂଗଠନ କର୍ମକର୍ତ୍ତା, ସଂଘ ପ୍ରତିନିଧି,କର୍ମଚାରୀ, ଜିଲା ପ୍ରଶାସନିକ ଅଧିକାରୀ,ଜମିହରା ଓ ପାରିପାର୍ଶ୍ୱିକ ଗ୍ରାମର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ପାତ୍ର ଜଳ ଓ ସବୁଜ ପ୍ରକଳ୍ପ, ମନୋରଞ୍ଜନ ଉଦ୍ୟାନକୁ ଉଦ୍ଘାଟନ କରିଥିଲେ। ନାଲକୋର ଉତ୍କର୍ଷତାରେ ଅଂଶୀଦାର କେତେକ କର୍ମଚାରୀଙ୍କୁ ସେ ସମ୍ମାନିତ କରିଥିଲେ। ଏଥିସହ ସେ ଏଠାରେ ରହଣି ମଧରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ।

## ଖାଦ୍ୟ ଅନ୍ୱେଷଣରେ ଜନବସତି ମୁହାଁ

### ରାସ୍ତାକଡ଼ରେ ବୁଲୁଛନ୍ତି ୪ ଭାଲୁ



ନବରଙ୍ଗପୁର/ନନ୍ଦାହାଣ୍ଡି, ୨୩।୨(ବି.ପ୍ର./ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ସିନ୍ଧିଗୁଡ଼ା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ବୁଲୁଛନ୍ତି ୪ଟି ଭାଲୁ। ଖାଦ୍ୟ ଅନ୍ୱେଷଣରେ ଭାଲୁମାନେ ଜଙ୍ଗଲରୁ ବାହାରକୁ ଆସିଥିବା ଅନୁମାନ କରାଯାଉଛି। ଏହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ନବରଙ୍ଗପୁରରୁ ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ଏହି ରାସ୍ତାରେ ଦୈନିକ ଶତାଧିକ ଲୋକ ଯାତାୟାତ କରନ୍ତି। ହଠାତ୍ ରାସ୍ତାରେ ଏତେ ସଂଖ୍ୟାରେ ଭାଲୁ ଦେଖି ଭୟଭୀତ ଅବସ୍ଥାରେ ଥିବା ଅଞ୍ଚଳବାସୀ କହିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଭାଲୁଗୁଡିକ ଜଙ୍ଗଲ ପାଖରେ ରହିଥିବା ସୂଚନା ମିଳିଛି।ଏ ନେଇ ନବରଙ୍ଗପୁର ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନନ୍ଦଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଅବଗତ ଅଛି। ସେଠାକୁ ଏକ ଟିମ୍ ପଠାଯାଇ ସ୍ଥିତି ଅନୁଧ୍ୟାନ କରାଯିବ ବୋଲି କହିଛନ୍ତି।

### ୧୦ଘଣ୍ଟା ପରେ କୂଅରୁ ଉଦ୍ଧାରହେଲା ଭାଲୁ

ନବରଙ୍ଗପୁର, ୨୩।୨(ବି.ପ୍ର.)

ଦୀର୍ଘ ୧୦ ଘଣ୍ଟାର କସରତ ପରେ ନବରଙ୍ଗପୁର ଜିଲା ସଦର ବ୍ଲକ ଦେଉଳା ଗ୍ରାମର ଏକ ଚାଷଜମିରେ ଥିବା ପରିତ୍ୟକ୍ତ କୂଅରେ ପଡିଥିବା ଭାଲୁକୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି ବନ ବିଭାଗ। ଉଦ୍ଧାର ସମୟରେ ଭାଲୁ ସାମାନ୍ୟ ଆହତ ହୋଇଥିବାରୁ ତାହାର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ରାତିରେ ଭାଲୁଟିକୁ ଜଙ୍ଗଲକୁ ଛଡ଼ାଯିବ ବୋଲି ନବରଙ୍ଗପୁର ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନନ୍ଦ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ସୋମବାର ରାତିରେ ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲରୁ ବାହାରି ଭାଲୁଟି ଗାଁ ମୁହାଁ ହୋଇ ପରିବାଜମିକୁ ଆସିଥିଲା। ଅନ୍ଧାର ଯୋଗୁ ଭାଲୁଟି ୨୦ଫୁଟ ଗଭୀର ଶୁଖିଲା କୂଅରେ ପଡିଯାଇଥିଲା। ଅନେକ ଚେଷ୍ଟାକରି ମଧ ଭାଲୁଟି ତା' ଭିତରୁ ବାହାରି ନ ପାରି ଗର୍ଜନ କରିଥିଲା। ମଙ୍ଗଳବାର ସକାଳେ କୂଅରୁ ଭାଲୁର ଚିତ୍କାର ଶୁଣି ଗାଁ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ନବରଙ୍ଗପୁର ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ରାତିତମାମ କୂଅରୁ ବାହାରିବାକୁ ଚେଷ୍ଟାକରି ଭାଲୁଟି ଥକିଯାଇ ଶୋଇପଡିଥିଲା। ତେଣୁ ଫାଶ ପକାଇ ତାକୁ ବାହାର କରିବାରେ ବନ ବିଭାଗ ସକ୍ଷମ ହୋଇ ନ ଥିଲା। ଭାଲୁ ଉପରେ ଦୁଇ ବାଲ୍ଟି ପାଣି ଢାଳି ତାକୁ ସତେଜ କରାଯାଇଥିଲା। ଭାଲୁ ଠିଆ ହୋଇ କୂଅ ଭିତରେ ବୁଲିବା ସମୟରେ ଫାଶ ପକାଇ ତାକୁ ଉଦ୍ଧାର କରାଯାଇଛି। କୂଅରୁ ବାହାର କରାଯାଇ ଭାଲୁଟିକୁ ଯନ୍ତାରେ ରଖାଯାଇଛି।

### ଜିଆଇଇଟିରେ ଅନ୍ଲାଇନ୍ କର୍ମଶାଳା

ଗୁଣପୁର, ୨୩।୨(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟର ଅଧ୍ୟାପକମାନଙ୍କ ୫ଦିନିଆ ଅନ୍ଲାଇନ୍ କର୍ମଶାଳା ଅନୁଷ୍ଠିତ ହୋଇଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ମେଶିନ ଲର୍ନିଂ ଉପରେ ଅନୁଷ୍ଠାନ ଏହି କର୍ମଶାଳାରେ ନୂଆଦିଲୀସ୍ଥିତ ଏଆଇସିଟିର ସହକାରୀ ନିର୍ଦ୍ଦେଶକ ଡ.ଗିରିଧାରୀ ଲାଲା ଗର୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଆମ ସମାଜ ବିକାଶରେ ଟେକ୍ନୋଲଜିର ବିଶେଷ ଭୂମିକା ରହିଛି ବୋଲି ସମ୍ମାନୀତ ଅତିଥିଭାବେ ଯୋଗଦେଇ ଏଆଇସିଟିର ପୂର୍ବାଞ୍ଚଳ ଅଧିକାରୀ ଡ.ଭୂପେନ୍ଦ୍ର ଗୋସ୍ୱାମୀ କହିଛନ୍ତି। ବିଶ୍ୱବିଦ୍ୟାଳୟ କୁଳପତି ଡ.ଗୌତମ ଘୋଷ, କମ୍ପ୍ୟୁଟର ସାଇନ୍ସ ବିଭାଗ ମୁଖ୍ୟ ଡ.ସଞ୍ଜୟ କୁମାର, ରେଜିଷ୍ଟ୍ରାର ଡ.ଏନ୍.ଭି.ଜେ.ରାଓଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ ସାମିଲ ହୋଇଥିଲେ। ଅଧ୍ୟାପକ ପ୍ରଫେସର ବ୍ରଜକିଶୋର ମିଶ୍ର, ପ୍ରଫେସର ରାଘବେନ୍ଦ୍ର କୁମାର ଏହାକୁ ପରିଚାଳନା କରିଥିଲେ। ଅଧ୍ୟାପିକା ବନ୍ଦିତା ସାହୁ ଧନ୍ୟବାଦ ଦେଇଥିଲେ।



### ୧୦ ଜୁଆଡି ଗିରଫ

ଜୟପୁର, ୨୩।୨(ନି.ପ୍ର.)–ଜୟପୁର ସଦର ଥାନା ଅନ୍ତର୍ଗତ ବାର୍ଲାହାଣ୍ଡି ଖୋଲା ପଡ଼ିଆରେ କୁକୁଡ଼ାଗାଲି ଓ ଜୁଆଖେଳ ଚାଲିଥିବା ଖବରପାଇ ପୋଲିସ ସୋମବାର ରାତିରେ ଚଢ଼ାଉକରି ୧୦ଜଣ ଜୁଆଡ଼ିଙ୍କୁ ଗିରଫ କରିଛି। ୩୦ଜଣ ଫେରାର ହୋଇଯାଇଛନ୍ତି। ପୋଲିସ ଏହି ସ୍ଥାନରୁ ୨୧ଟି ମୋଟରସାଇକେଲ, ୧୦ଟି ସାଇକେଲ, ୭ଟି ମୋବାଇଲ, ୩୪୩୦ ଟଙ୍କା ଜବତ କରିଛି। ଅଭିଯୁକ୍ତ ହେଲେ ଚୈତନ୍ୟ ହରିଜନ, ଗୁରୁନାଥ ହରିଜନ, ଘାସିରାମ ବାଘ, ଜୟ ହରିଜନ, ଧନିଆ ହରିଜନ, ଘାସିରାମ ହରିଜନ, କ୍ରିଷ୍ଣା ବାଘ, ଭଗବାନ ଗୌଡ଼, ତ୍ରିନାଥ ମୁଦୁଲି, ଝୁନ ଭତ୍ରା।

## ରାୟଗଡ଼ାର ୫୫୯ ଗାଁ ବାଲ୍ୟବିବାହ ମୁକ୍ତ

ରାୟଗଡା, ଅଫିସ, ୨୩।୨

ରାୟଗଡ଼ା ଜିଲା ପ୍ରଶାସନ ୨୦୨୦ ମସିହା ପାଇଁ ଜିଲାର ୫୫୯ଟି ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଭାବେ ଘୋଷଣା କରିଛନ୍ତି। ୨୦୨୦ରେ ଗାଁରେ ଗୋଟିଏ ବି ବାଲ୍ୟ ବିବାହ ନ ହୋଇଥିବାରୁ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟି ସଭାପତି ତଥା ସରପଞ୍ଚ, ବିଡିଓ ଓ ବାଲ୍ୟ ବିବାହ ନିଷିଦ୍ଧ ଅଧିକାରୀଙ୍କ ସୁପାରିଶ କ୍ରମେ ଜିଲାପାଳ ସରୋଜ କୁମାର ମିଶ୍ର ଉକ୍ତ ଗ୍ରାମଗୁଡିକୁ ବାଲ୍ୟ ବିବାହ ମୁକ୍ତ ଭାବେ ଘୋଷଣା କରିଛନ୍ତି। ଏହି ତାଲିକାରେ ରାୟଗଡା ବ୍ଲକର ୯୧, କୋଲନରାର ୮୨ଟି, ରାମନାଗୁଡାର ୭୫ଟି, ଗୁଣୁପୁରର ୨, ଗୁଡାରୀର ୧୦, ପଦ୍ମପୁରର ୧୮ଟି, ବିଷମକଟକର ୧୫୫ଟି, ମୁନିଗୁଡାର ୧୫ଟ, ଚନ୍ଦ୍ରପୁରର ୨୪, କଲ୍ୟାଣସିଂହପୁରର ୨୯ ଓ କାଶୀପୁର ବ୍ଲକର ୫୮ଟି ଗ୍ରାମ ରହିଛି। ପ୍ରକାଶ ଥାଉ କି, ୨୦୧୯ ଅଗଷ୍ଟରୁ ରାୟଗଡା ଜିଲାକୁ ବାଲ୍ୟ ବିବାହ ମୁକ୍ତ ଭାବେ ଗଢି ତେଳିବା ନିମନ୍ତେ ଜିଲ୍ଲା ପ୍ରଶାସନ, ୟୁନିସେଫ୍ ଓ ଆକ୍ସନଏଡର ମିଳିତ ଉଦ୍ୟମରେ ଏକ କାର୍ଯ୍ୟ ଖସଡା ପ୍ରସ୍ତୁତ ହୋଇଥିଲା। ଏହାକୁ ତୃଣମୂଳସ୍ତରରୁ ଲାଗୁ କରାଯାଇଥିଲା ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି।


ଏକ ବାଲ୍ୟ ବିବାହମୁକ୍ତ ଗ୍ରାମରେ ସୂଚନା ଫଳକ ଲଗାଯାଉଛି।


ବଡ଼ ଏକାଦଶୀ ଅବସରରେ ଜୟପୁର ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ରୁପାବେଶ।

## କୋଟିଆ ପଞ୍ଚାୟତରେ ଏମ୍ପି

ପଟ୍ଟାଙ୍ଗୀ, ୨୩।୨(ଡି.ଏନ.ଏ.)

**ଗ୍ରାମବାସୀଙ୍କ ସହ ଆଲୋଚନା କଲେ, ଉନ୍ନୟନମୂଳକ କାର୍ଯ୍ୟ ଦେଖିଲେ**

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ତଥା ଆନ୍ଧ୍ର ସୀମାନ୍ତ କୋଟିଆ ପଞ୍ଚାୟତକୁ ମଙ୍ଗଳବାର କୋରାପୁଟ ଏମ୍ପି ସପ୍ତଗିରି ଉଲାକା ଗସ୍ତ କରିଛନ୍ତି। ଏହି ପଞ୍ଚାୟତର ତଳ ଗଞ୍ଜେଇ ପଦର, ଫଗୁଣସିନେରି ଏବଂ ଫାଟୁସିନେରି ପରିଦର୍ଶନ କରିଛନ୍ତି। କୋଟିଆ ପଞ୍ଚାୟତକୁ ଆଦର୍ଶ ପଞ୍ଚାୟତ ରୂପେ ଗ୍ରହଣ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପଞ୍ଚାୟତ ସମେତ ଉପରୋକ୍ତ ୩ଗ୍ରାମରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ସେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏମ୍ପି ଉଲ୍ଲାକା ପ୍ରଥମେ ତଳଗଞ୍ଜେଇପଦର ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ରାଜ୍ୟ ହେଉ ଅବା କେନ୍ଦ୍ର ସରକାର ଆମ ଗ୍ରାମକୁ ସମ୍ପୂର୍ଣ୍ଣ ଅଣଦେଖା କରିଚାଲିଛନ୍ତି। ଜନ୍ମ ସମ୍ପର୍କିତ ପ୍ରମାଣପତ୍ର ପାଇଁ ପଟ୍ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବାରମ୍ବାର ଯାଉଥିଲେ ମଧ ତାହା ମିଳୁନାହିଁ। କୋଟିଆ ପଞ୍ଚାୟତକୁ ଯାଇଥିବା ପିଚୁ ରାସ୍ତାଠାରୁ ଆମ ଗ୍ରାମ ପର୍ଯ୍ୟନ୍ତ ଏଯାଏ ପିଚୁ ରାସ୍ତା ହୋଇପାରି ନ ଥିବା ନେଇ ଅଭିଯୋଗ କରିଥିଲେ। ଚାଷଜମିକୁ ଆବଶ୍ୟକ ପରିମାଣର ଜଳ ଯୋଗାଇବାରେ ମଧ ଓଡିଶା ସରକାର ବିଫଳ ହୋଇଥିବା କହିଥିଲେ। ଆଗାମୀ ଦିନରେ ସେ ବ୍ୟକ୍ତିଗତ ଭାବେ ଜିଲାପାଳଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ସେ ଫାଟୁସିନେରି ଓ ଫଗୁଣ ସିନେରିକୁ ଗସ୍ତ କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ସୀମାନ୍ତ ତିନି ଗ୍ରାମକୁ ନେଇ ଆନ୍ଧ୍ର–ଓଡ଼ିଶା ମଧରେ ବିବାଦ ଲାଗି ରହିଛି। ଆନ୍ଧ୍ର ନିକଟରେ ତିନି ଗ୍ରାମକୁ ତିନୋଟି ପଞ୍ଚାୟତର ମାନ୍ୟତା ଦେଇ ସେଠାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ କରିଛି। ଏହାର ପ୍ରତିବାଦରେ ଓଡ଼ିଶା ସରକାର ସୁପ୍ରିମକୋର୍ଟର ଆଶ୍ରୟ ନେଇଛନ୍ତି। ଏମ୍ପିଙ୍କ ଏହି ଗସ୍ତ ସମୟରେ ପଟ୍ଟାଙ୍ଗୀର ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ , ମାଲକାନଗିରିର ପୂର୍ବତନ ବିଧାୟକ ନିମାଇଁ ସରକାର, କୃଷ୍ଣ କୁଲଦୀପ, ପୂର୍ବତନ ବ୍ଲକ ଅଧକ୍ଷ ଶୁକ୍ରା ଖରା, ଏମ୍ପି ପ୍ରତିନିଧି ଅର୍ଜୁନ ବାଙ୍କା, ସେମିଳିଗଡା ବ୍ଲକ ଏମ୍ପି ପ୍ରତିନିଧି ଜଗତ ରାଏ ଖିନିବୁଡି, ସଙ୍ଗଠକ ଗୋବିନ୍ଦ ଖରା, ଶ୍ୟାମ ସୁନ୍ଦର ମହାନ୍ତି , ବଡା ପ୍ରସାଦ, ଯୁବ କଂଗ୍ରେସ ସଭାପତି ଅଭି ଲବୁଡୁ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ହନୁମନ୍ତପୁରରେ ମାଓବାଦୀ ବ୍ୟାନର

ରାୟଗଡ଼ା ଅଫିସ/ଚନ୍ଦ୍ରପୁର (ଡି.ଏନ୍.ଏ.) ୨୩।୨



ରାୟଗଡ଼ା ଜିଲା ଚନ୍ଦ୍ରପୁର ଥାନା ହନୁମନ୍ତପୁର ବସ୍ଷ୍ଟାଣ୍ଡ ନିକଟରେ ମଙ୍ଗଳବାର ଗୋଟିଏ ମାଓବାଦୀ ବ୍ୟାନର ଲାଗିଥିବା ଦେଖିବାକୁ ମିଳିଛି। ଚନ୍ଦ୍ରପୁର, ହନୁମନ୍ତପୁର ଓ ଜାର୍ପା ଅଞ୍ଚଳର ଯେଉଁମାନେ ପୋଲିସ ଇନ୍ଫର୍ମର ଭାବେ କାମ କରୁଛନ୍ତି ସେମାନେ ୨୫ ତାରିଖରେ ସରେଣ୍ଡର କରନ୍ତୁ ବୋଲି ଏଥିରେ ଉଲ୍ଲେଖ ରହିଛି। ସରେଣ୍ଡର ନ କଲେ ପ୍ରଜା କୋର୍ଟରେ ହାଜର କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ବ୍ୟାନରଟିକୁ ସିପିଆଇ ମାଓବାଦୀ ବଂଶଧାରା ଘୁମୁସର ନାଗାବଳୀ ଡିଭିଜିନାଲ କମିଟି ପକ୍ଷରୁ ଲଗାଯାଇଛି। ସିଆର୍ପିଏଫ୍ ଯବାନମାନେ ଘଟଣାସ୍ଥଳରେ ପହଞ୍ଚି ବ୍ୟାନରଟିକୁ କାଢ଼ି ନେଇଛନ୍ତି। ଏବେ କିନ୍ତୁ ସ୍ଥାନୀୟ ଅଞ୍ଚଳରେ ଭୟ ଖେଳିଯାଇଛି।

## ଓରମାସ ପକ୍ଷରୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କୋରାପୁଟ ,୨୩।୨ (ସ୍ୱ.ପ୍ର)

କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ଓରମାସ ଓ ଓଡିଶା ଜୀବିକା ମିଶନ ମିଳିତ ସହଯୋଗରେ ଜିଲାର ବେକାର ଯୁବତୀ ଯୁବକଙ୍କ ଦକ୍ଷତାର ବିକାଶ ସହିତ ତାଙ୍କୁ ନିଯୁକ୍ତି ଦେବା ଲକ୍ଷ୍ୟରେ ମଙ୍ଗଳବାର ସ୍ଥାନୀୟ ରାଜୀବଗାନ୍ଧୀ ସେବାକେନ୍ଦ୍ରଠାରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲା ସଂଯୋଜକ ରୋଶନ କାର୍ତ୍ତିକ, ବିଡିଓ ନରେନ୍ଦ୍ର ନାୟକ, ବ୍ଲକ ଅଧକ୍ଷା ନମିତା ମାଝି, ଏମ୍ପି ପ୍ରତିନିଧି ବାବୁଲା ବେନିଆ, ବିପିଏମ ସ୍ନେହଲତା ମିଶ୍ର, ମାଣିକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ବଂଶୀଧର ଓ ଇଲା ଫାଉଣ୍ଡେସନ, ଡିଡିୟୁ ଜିକେଓ, କର୍ପୋରେଟ ସଲ୍ୟୁସେନ ପ୍ରାଇଭେଟ ଲିମିଟେଡିର ପ୍ରତିନିଧିମାନେ ଉପସ୍ଥିତ ରହି ଯୁବତୀଯୁବକଙ୍କ ବିଭିନ୍ନ ଦକ୍ଷତା ଓ ନିଯୁକ୍ତି ଭିତ୍ତିକ ଶିକ୍ଷା ଉପରେ ଆଲୋଚନା କରିଥିଲେ । କାଉନସିଲ ପରେ ଯୋଗ୍ୟ ବିବେଚିତ ଯୁବତୀଯୁବକଙ୍କୁ ଉପରୋକ୍ତ କମ୍ପାନୀ ପକ୍ଷରୁ ୩ରୁ ୬ ମାସିଆ ଟ୍ରେନିଂ ପ୍ରଦାନ କରାଯିବ । ଟ୍ରେନିଂ ପରେ ସେମାନଙ୍କୁ ନିଯୁକ୍ତି ମିଳିବ କୋରାପୁଟ ବ୍ଲକର ୧୦ଟି ପଞ୍ଚାୟତରୁ ୮୫ ଜଣ ଉପସ୍ଥିତ ଥିଲେ ।

## ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ କରି ଭାଜପାର ଧାରଣା

ଝରିଗାଁ, ୨୩।୨(ସ୍ୱ.ପ୍ର.)


ଧାରଣାରେ ବସିଥିବା ଭାଜପା ନେତା ଓ କର୍ମୀମାନେ।

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ଅଭିଯୋଗକରି ଭାଜପା କର୍ମୀମାନେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ନିକଟରେ ଧାରଣା ଦେଇଛନ୍ତି। ସେମାନଙ୍କର ରହିଥିବା ୯ ଦଫା ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

ଝରିଗାଁ ବ୍ଲକରେ ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ନିର୍ମାଣରେ ଦୁର୍ନୀତି ହୋଇଛି। ଦୁର୍ନୀତିର ଶିକାର ହୋଇ ଯେଉଁ ହିତାଧିକାରୀମାନେ ପାଇଖାନା ପାଇବାରୁ ବଞ୍ଚିତ ହୋଇଛନ୍ତି ସେମାନଙ୍କୁ ତୁରନ୍ତ ଶୌଚାଳୟ ଯୋଗାଇ ଦିଆଯାଉ ବୋଲି ଭାଜପା ଦାବି କରିଛି। ଏହି ଦୁର୍ନୀତିରେ ସାମିଲ ଥିବା ସମସ୍ତ ଅଧିକାରୀ, ଝରିଗାଁ ବ୍ଲକ ଦାୟିତ୍ୱରେ ରହିଥିବା ନୋଡାଲ ଅଧିକାରୀଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି ହୋଇଛି। ଏଥିସହ ଏମ୍ଜିଏନ୍ଆରଇଜିଏସ୍ କାର୍ଯ୍ୟରେ ଶ୍ରମିକ ବଦଳରେ ମେଶିନ ଲଗାଇ କାମ ହେଉଛି। ମିଥ୍ୟା ବିଲ୍ କରି ସରକାରୀ ଟଙ୍କା ହରିଲୁଟ୍ କରାଯାଉଛି। ବ୍ଲକରେ ଅଧିକାଂଶ ଅଙ୍ଗନୱାଡି କେନ୍ଦ୍ରରେ ସରକାରଙ୍କ ପକ୍ଷରୁ ଶିଶୁ, ଗର୍ଭବତୀ, ବୃଦ୍ଧାବୃଦ୍ଧଙ୍କୁ ଯୋଗାଇ ଦିଆଯାଉଥିବା ପୁଷ୍ଟିସାର ଖାଦ୍ୟ ବଣ୍ଟନରେ ମଧ ଦୁର୍ନୀତି ହେଉଥିବା ଭାଜପା ଅଭିଯୋଗ କରିଛି। ଏହାର ସମାଧାନ ପାଇଁ ଦାବି ହୋଇଛି। ଟାର୍ଗେଟ ନ ଥିବା କହି ସରକାର ଧାନ ଉଠାଉ ନାହାନ୍ତି। ଧାନ ଉଠାଇବାକୁ ଦାବି ହୋଇଛି। ଧାରଣାରେ ଭାଜପା ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ରାୟଗଡ଼ା ଜିଲା ପ୍ରଭାରୀ ତଥା ପୂର୍ବତନ ଜିଲା ସଭାପତି ଗୋବିନ୍ଦ କୁମାର ଜୈନ, ଜିଲା ଯୁବ ମୋର୍ଚ୍ଚା ସଭାପତି ଚନ୍ଦ୍ରଭାନୁ ନାୟକ, ଜିଲା ସମ୍ପାଦିକା ସୁମିତ୍ରା ମାଝି, ରଜନୀକାନ୍ତ ରଥ, କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଜଗଦୀଶ କଲାର, ଜିଲା ସମ୍ପାଦକ ଫିରୋଜ ଷଡ଼ଙ୍ଗୀ, ଉର୍ମିଳା ସାହୁ, ପ୍ରଦୀପ କୁମାର ଦାସ, ନରସିଂହ ଭତ୍ରା, ମନୁ ଭତ୍ରାଙ୍କ ସହ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

